# NATIONAL NEWS BULLETIN (ODIA)
## 20 May - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଇଟାଲୀ ଓ ଭାରତର ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱତନ୍ତ୍ର ରଣନୈତିକ ସହଭାଗିତାରେ ପରିଣତ କରିବାକୁ ଉଭୟ ଦେଶର ଗୁରୁତ୍ୱ
- ଆମେରିକା–ଇରାନ୍ ସଂଘର୍ଷ ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ହୋଇ ରହିବ; ଜାତିସଂଘର ଆକଳନ
- ନିଟ୍-ୟୁଜି ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଇବୋଲା ପ୍ରକୋପକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବେ ଘୋଷଣା କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା କୋଲକାତା ନାଇଟ୍ ରାଇଡର୍ସ

# ପିଏମ୍-ଇଟାଲୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ଗସ୍ତର ଦ୍ୱିତୀୟ ଦିନରେ ରୋମଠାରେ ତାଙ୍କ ପ୍ରତିପକ୍ଷ ଜର୍ଜିଆ ମେଲୋନୀଙ୍କ ସହ ପ୍ରତିନିଧିସ୍ତରୀୟ ବୈଠକ କରିଛନ୍ତି। ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ସ୍ୱଚ୍ଛଶକ୍ତି ଏବଂ ରଣନୈତିକ ସହଭାଗିତା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଛି। ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ, ତଥା ବୈଶ୍ୱିକ ବିକାଶ ଉପରେ ମଧ୍ୟ ଉଭୟ ନେତା ମତବିନିମୟ କରିଛନ୍ତି।

ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା ପରେ ଉଭୟ ନେତା ଏକ ମିଳିତ ପ୍ରେସ୍ ବିବୃତି ଜାରି କରିଥିଲେ। ଭାରତ ଏବଂ ଇଟାଲୀ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ସ୍ୱତନ୍ତ୍ର ରଣନୈତିକ ସହଭାଗିତାକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି।  ସେ କହିଛନ୍ତି, ଭାରତ–ଇଟାଲୀ ପ୍ରତିରକ୍ଷା ଶିଳ୍ପ ରୂପରେଖ ସାମରିକ ହାର୍ଡୱେୟାରର ମିଳିତ ବିକାଶ ଏବଂ ଉତ୍ପାଦନ ପାଇଁ ପଥ ଉନ୍ମୁକ୍ତ କରିଛି। ଏଥିସହ ସାମୁଦ୍ରିକ କ୍ଷେତ୍ରରେ ଉଭୟ ଦେଶ ଜାହାଜ ଚଳାଚଳ,

ବନ୍ଦର ଆଧୁନିକୀକରଣ, ପରିବହନ ଓ ନୀଳ ଅର୍ଥନୀତି କ୍ଷେତ୍ରରେ ଏକତ୍ର କାମ କରିବା ପାଇଁ ସହମତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସମ୍ପ୍ରତି ପଶ୍ଚିମ ଏସିଆ, ୟୁକ୍ରେନ୍ ଏବଂ ଅନ୍ୟାନ୍ୟ ବୈଶ୍ୱିକ ଉତ୍ତେଜନା ପରିସ୍ଥିତି ସମ୍ପର୍କରେ ଦୁଇ ଦେଶ ନିରନ୍ତର ଯୋଗାଯୋଗରେ ରହିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଅନ୍ତର୍ଜାତୀୟ ବିବାଦ ପ୍ରସଙ୍ଗରେ ଭାରତର ଭୂମିକାକୁ ଦୋହରାଇ ସେ ସମସ୍ତ ପ୍ରସଙ୍ଗ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଉଭୟ ଦେଶ ଆତଙ୍କବାଦକୁ ମାନବତା ପାଇଁ ଏକ ବଡ଼ ବିପଦ ବୋଲି ଅଭିହିତ କରିବା ସହ ଆତଙ୍କୀ ପାଣ୍ଠି ଯୋଗାଣ ବିରୁଦ୍ଧରେ ସେମାନଙ୍କର ମିଳିତ ପ୍ରୟାସ ଏକ ବୈଶ୍ୱିକ ଉଦାହରଣ ସୃଷ୍ଟି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ନେତୃତ୍ୱରେ ଦ୍ୱିପକ୍ଷୀୟ ସମ୍ପର୍କ ବୃଦ୍ଧି ପାଇବା ସହ ନୂତନ ଗତି ଓ ଆତ୍ମବିଶ୍ୱାସ ପ୍ରାପ୍ତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**VO-PM On Italy**

ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବନ୍ଧୁତା, ସମ୍ମାନ ଏବଂ ପାରସ୍ପରିକ ବିଶ୍ୱାସ ଉପରେ ଆଧାରିତ । ଭାରତ– ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଜାହାଜ ଚଳାଚଳ, ସ୍ୱାଧୀନତା

ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଉଭୟ ପକ୍ଷ ଭାରତ–ଇଟାଲୀ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ବିଚାର ବିମର୍ଶ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମଲୋନୀ କହିଛନ୍ତି ।

ଶ୍ରୀ ମୋଦୀ ଭାରତ ଓ ୟୁରୋପ ସମ୍ପର୍କକୁ ସଶକ୍ତ କରିବା କ୍ଷେତ୍ରରେ ଇଟାଲୀର ସମର୍ଥନକୁ ଉଚ୍ଚପ୍ରଶଂସା କରିବା ସହିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିନିର୍ମାଣ ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ପ୍ରଧାନ-ନିଟ୍ ସିକ୍ୟୁରିଟି

ନିଟ୍-ୟୁଜି ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷଭାବେ ପରିଚାଳନା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଆଜି କେନ୍ଦ୍ରୀୟ ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ ଏହା କହିଛନ୍ତି ।  ବୈଠକରେ ବେନାମୀ ଅନଲାଇନ୍ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ପର୍କିତ ଭୁଲ ସୂଚନାର ବ୍ୟାପକ ପ୍ରସାରଣ ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି । ଏପରି ନେଟୱର୍କଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ  ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଶିକ୍ଷା ମନ୍ତ୍ରଣାଳୟ, ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ

ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଚିତ ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି। ଏଥିସହ ସେ କହିଛନ୍ତି, ଏହାଦ୍ୱାରା ଭୁଲ୍ ସୂଚନାର ପ୍ରସାରଣକୁ ଶୀଘ୍ର ରୋକାଯାଇପାରିବା ସହ ପରୀକ୍ଷା ପରିଚାଳନା ସୁବ୍ୟବସ୍ଥିତ ହୋଇପାରିବ।

## ପ୍ରେସ୍-ଆଇଏଏସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଏବଂ ସମାଜକୁ ପ୍ରଗତିର ଶୀର୍ଷରେ ପହଁଞ୍ଚାଇବା ପାଇଁ ଭାରତୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ତ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଆଗକୁ ବଢ଼ିବାକୁ ପଡ଼ିବ। ରାଷ୍ଟ୍ରପତି ଭବନରେ ଆଜି ୨୦୨୪ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ଶ୍ରୀମତୀ ମୁର୍ମୁ ଭେଟିଥିଲେ। ଅଧିକାରୀମାନେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ କାମ କରିବା ଏବଂ ବିଶେଷଜ୍ଞ ଦଳର ନେତୃତ୍ୱ ନେବାର ଅନନ୍ୟ ଅଭିଜ୍ଞତା ହାସଲ କରିବେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ଜନସ୍ୱାର୍ଥ କ୍ଷେତ୍ରରେ ପ୍ରତିଷ୍ଠିତ ସରକାରୀ ବ୍ୟବସ୍ଥା ସହ ସମନ୍ୱୟ ରଖି ଠିକ୍ ନିଷ୍ପତ୍ତି ନେବା ଉପରେ ରାଷ୍ଟ୍ରପତି ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ନୀତି ଆୟୋଗ- ଅଟଲ ଟିଙ୍କରିଙ୍ଗ

ଅଟଳ ନବସୃଜନ ଅଭିଯାନରେ ନୀତି ଆୟୋଗ ଜାମ୍ମୁ ଏବଂ କାଶ୍ମୀରରେ ୫୦୦ ନୂତନ ଅଟଳ ଟିଙ୍କରିଙ୍ଗ ଲ୍ୟାବ୍– ଏ.ଟି.ଏଲ୍ ପ୍ରତିଷ୍ଠା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି । ଏହି ପଦକ୍ଷେପ ଜାମ୍ମୁ-କାଶ୍ମୀରର ବିଦ୍ୟାଳୟ ଶିକ୍ଷା ବିଭାଗ ଏବଂ କାଶ୍ମୀର ବିଶ୍ୱବିଦ୍ୟାଳୟ ସହ ମିଳିତ ଭାବେ କାର୍ଯ୍ୟକାରୀ କରାଯାଉଛି । ଏକ ବିବୃତିରେ ନୀତି ଆୟୋଗ କହିଛି, ୫୦୦ ନୂତନ ଅଟଳ ଟିଙ୍କରିଙ୍ଗ ଲ୍ୟାବ ଭୌଗୋଳିକ ଭାବେ ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ଏକ ଅନ୍ତର୍ଭୁକ୍ତୀପୂର୍ଣ୍ଣ ନବସୃଜନ ଇକୋସିଷ୍ଟମ ନିର୍ମାଣ କରିବା କ୍ଷେତ୍ରରେ ପ୍ରମୁଖ ଉପାଦାନ ହେବ । ଏହି ଅବସରରେ ଅଟଳ ନବସୃଜନ ଅଭିଯାନର ନିର୍ଦ୍ଦେଶକ ଦୀପକ ବାଗ୍‌ଲା କହିଛନ୍ତି, ଏହି ପ୍ରୟୋଗଶାଳାଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ, ପରୀକ୍ଷଣ ଏବଂ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ସଶକ୍ତ କରିବ । ଏ.ଟି.ଏଲ୍ ପାଇଁ ଆବେଦନରେ ସରକାରୀ, ବେସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସେନା ଗୁଡ୍ ୱିଲ୍ ସ୍କୁଲ ଏବଂ ଜବାହର ନବୋଦ୍ୟ ବିଦ୍ୟାଳୟ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ରାଜନାଥ– ଲି ୟଙ୍ଗୋ ଚୁଲ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ସେଠାକାର ପ୍ରତିରକ୍ଷା ଅଧିଗ୍ରହଣ କାର୍ଯ୍ୟକ୍ରମ ପ୍ରଶାସନ ମନ୍ତ୍ରୀ ଲି ୟୋଙ୍ଗ ଚୁଲ୍‌ଙ୍କୁ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ

କହିଛନ୍ତି, ବୈଠକରେ ଉଭୟ ପକ୍ଷ ମିଳିତ ବିକାଶ, ଉତ୍ପାଦନ ଏବଂ ରପ୍ତାନୀ ପାଇଁ ଏକମତ ହୋଇଛନ୍ତି । ଦୁଇ ଦେଶର ନବସୃଜନ ଇକୋ ସିଷ୍ଟମକୁ ସମନ୍ୱିତ କରିବା ପାଇଁ ମହତ୍ତ୍ୱାକାଂକ୍ଷୀ 'କାଇଣ୍ଡ ଏକ୍ସ' ପଦକ୍ଷେପର ସମ୍ଭାବନାକୁ ଉନ୍ମୁକ୍ତ କରିବା ସକାଶେ ରୂପରେଖ ପ୍ରସ୍ତୁତ କରିବା ନେଇ ମଧ୍ୟ ବିଚାରବିମର୍ଶ ହୋଇଥିଲା ।

## ଡବ୍ଲ୍ୟୁଏଚ୍‌ଓ– ଇବୋଲା ଭାଇରସ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ– ଡବ୍ଲ୍ୟୁଏଚ୍‌ଓ କହିଛି, କଙ୍ଗୋ ଏବଂ ଉଗାଣ୍ଡାରେ ଇବୋଲା ଭୂତାଣୁ ବ୍ୟାପିବା ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ଅଧିକ ହୋଇଥିବା ବେଳେ ବିଶ୍ୱସ୍ତରରେ କମ୍ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ଇବୋଲା ପ୍ରକୋପକୁ ଆନ୍ତର୍ଜାତୀୟ ସ୍ତରରେ ଏହାକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ବୋଲି ଘୋଷଣା କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି, କଙ୍ଗୋରେ ୫୧ଟି ମାମଲା ଏବଂ ଉଗାଣ୍ଡାରେ ୨ଟି ଇବୋଲା ଭୂତାଣୁ ଚିହ୍ନଟ ମାମଲା ନିଶ୍ଚିତ ହୋଇଥିବା ବେଳେ ୬୦୦ଟି ଘଟଣା ସନ୍ଦିଗ୍ଧ ଭୂତାଣୁ ଜନିତ ମାମଲା ଓ ମୃତ୍ୟୁ ରହିଛି । ଅନ୍ୟପକ୍ଷରେ କଙ୍ଗୋରେ କାର୍ଯ୍ୟରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦଳର ଅଧିକାରୀ କହିଛନ୍ତି, ଇବୋଲା ପ୍ରକୋପରେ ସେଠାରେ ଏ ପର୍ଯ୍ୟନ୍ତ ୧୩୪ଟି ସନ୍ଦିଗ୍ଧ ମୃତ୍ୟୁ ହୋଇଛି ।

# ପାଣିପାଗ

ଉତ୍ତର ଏବଂ ମଧ୍ୟ-ଭାରତରେ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇଛି। ଆଜି ବିଭିନ୍ନ ସ୍ଥାନରେ ଦିନର ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଛି। ରାଜସ୍ଥାନର ୧୬ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି।  ପଞ୍ଜାବ ଏବଂ ହରିୟାଣାରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ଲହରିର ସମ୍ଭାବନା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଉତ୍ତର-ପଶ୍ଚିମ ଏବଂ ମଧ୍ୟ-ଭାରତରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ କୋଲକାତାର ଇଡେନ୍ ଗାର୍ଡେନ୍ସ ଠାରେ ଅନୁଷ୍ଠିତ ହେବ। କୋଲକାତା ନାଇଟ୍ ରାଇଡର୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।